# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 April – 2026**

---

## ମୁଖ୍ୟମନ୍ତ୍ରୀ-ରୌପ୍ୟଜୟନ୍ତୀ

ରାଜ୍ୟରେ ଶିଳ୍ପାୟନ ଏବଂ ନିଯୁକ୍ତି କ୍ଷେତ୍ର ବ୍ୟାପକ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝରସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଗତକାଲି ଅନୁଷ୍ଠିତ ରୌପ୍ୟଜୟନ୍ତୀ ସମାରୋହରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଗତ ୨ବର୍ଷରେ ଶିଳ୍ପାୟନ କ୍ଷେତ୍ରରେ ପ୍ରାୟ ୨ ଲକ୍ଷ ୮୦ହଜାର କୋଟି ଟଙ୍କା ନିବେଶ ହୋଇଛି । ଫଳରେ ୨ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଗବେଷଣା ଏବଂ ଉଦ୍ୟୋଗ ଦ୍ୱାରା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି ।

## ଟୋଲ୍ ଆଦାୟ-ୟୁପିଆଇ

ଦେଶର ଜାତୀୟ ରାଜପଥ ଗୁଡ଼ିକରେ ଏଣିକି ଟୋଲ୍ ଆଦାୟ କେବଳ ଫାଷ୍ଟ୍‌ଟ୍ୟାଗ୍ କିମ୍ବା ୟୁପିଆଇ ମାଧ୍ୟମରେ ଗ୍ରହଣ କରାଯିବ । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ବ୍ୟବସ୍ଥା ଗତ ଶୁକ୍ରବାରଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇସାରିଛି । ତେବେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ରାଜ୍ୟଗୁଡ଼ିକରେ ଆଚରଣ

ସଂହିତା ଲାଗୁ ହୋଇଥିବା ଦୃଷ୍ଟିରୁ ବର୍ତ୍ତମାନ ପାଇଁ ଏହି ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିବା ମନ୍ତ୍ରଣାଳୟ କହିଛି ।

## ରତ୍ନଭଣ୍ଡାର ଗଣତି ମଣତି

ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କାର୍ଯ୍ୟ ଶେଷ ହୋଇଛି । ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ମାର୍ଗଦର୍ଶିକା ଅନୁଯାୟୀ ସମ୍ପନ୍ନ ହୋଇଛି । ଗତକାଲି ୭ ଘଣ୍ଟା ଧରି ଗଣତି କାର୍ଯ୍ୟ କରାଯାଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି ଆସନ୍ତାକାଲି ଭିତର ରତ୍ନଭଣ୍ଡାର ଗଣତି ମଣତି ଆରମ୍ଭ ହେବ । ୧୯୭୮ ମସିହା ତାଲିକା ଅନୁଯାୟୀ ବାହାର ରତ୍ନ ଭଣ୍ଡାରର ୧୧୮ପ୍ରକାରର ରତ୍ନ ଅଳଙ୍କାର ରହିଥିଲା । ତେବେ ଭଣ୍ଡାର ମେକାପ ଅଧିକ ଅଳଙ୍କାର ଥିବା ନେଇ ସୂଚନା ଦେବା ପରେ ଏହି ସଂଖ୍ୟା ୧୪୭ରେ ପହଞ୍ଚିଥିବା ଜଣାପଡିଛି ।

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସରେ ଆଜି ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସରକାରୀ କାର୍ଯ୍ୟାଳୟ ଏବଂ ବେସରକାରୀ ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ଐକ୍ୟ ସ୍ଥାପନା ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଗତକାଲି ଐକ୍ୟସ୍ଥାପନା ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ମଙ୍ଗଳବାର ପଣାସଂକ୍ରାନ୍ତିଠାରୁ ଶ୍ରୀମନ୍ଦିର ଦ୍ୱାରା ପ୍ରଚଳିତ ହେବାକୁ ଥିବା କ୍ୟାଲେଣ୍ଡରରେ ଚିହ୍ନଟ ପର୍ବପର୍ବାଣୀ ଦେଶର ସବୁ ଜଗନ୍ନାଥ ମନ୍ଦିର ପାଳନ କରିବାକୁ କୁହାଯାଇଛି । ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଗଜପତି ମହାରାଜା କହିଛନ୍ତି ...

**V/O**

# ମାଛଧରା-କଟକଣା

ଆସନ୍ତା ୧୫ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ଉପରେ କଟକଣା ଜାରି କରାଯାଇଛି । ରାଜ୍ୟ ସରକାରଙ୍କ ମତ୍ସ୍ୟବିଭାଗ ପକ୍ଷରୁ ଏହି ୬୧ଦିନ ପାଇଁ କଟକଣା ଜାରି କରାଯିବା ସଂକ୍ରାନ୍ତ ସୂଚନା ସ୍ଥାନୀୟ ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଅବଗତ କରାଯାଇଛି । ମାଛଙ୍କ ପ୍ରଜନନ ଋତୁକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡିଛି ।

# ତାଲିମ କାର୍ଯ୍ୟକ୍ରମ

ଯାଜପୁର ଜିଲ୍ଲାର ଅଣକ୍ୟାଡର ପବ୍ଲିକ ପ୍ରସିକ୍ୟୁଟରଙ୍କ ପାଇଁ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଜାରି ରହିଛି । ରାଜ୍ୟ ଆଇନ୍ ବିଭାଗ ଏବଂ ପବ୍ଲିକ ପ୍ରସିକ୍ୟୁଟର ନିର୍ଦ୍ଦେଶାଳୟ ସହଯୋଗରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ସଂଶୋଧିତ ଆଇନ୍, ପବ୍ଲିକ ପ୍ରସିକ୍ୟୁଟରଙ୍କ ଭୂମିକା ଓ ଦାୟିତ୍ୱ ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଶେଷ ହେବ।

# ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦୋବଲଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଓ ମହା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ ।

# ଭାରତ ସ୍ୱଦେଶୀ ମେଳା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରଠାରେ ଚାଲିଥିବା ଭାରତ ସ୍ୱଦେଶୀ ମେଳାର ଗତକାଲି ଷଷ୍ଠ ସଂଧ୍ୟାରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଦେଶକୁ ନିଜସ୍ୱ ଜ୍ଞାନକୌଶଳ ଏବଂ ଉତ୍ପାଦନ ସାମଗ୍ରୀରେ ସଶକ୍ତ କରିବା ନେଇ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ସେ ଆଲୋକପାତ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

# ଖୋକୋ ଚାମ୍ପିୟନସିପ୍

ଭୁବନେଶ୍ୱର ଗାନ୍ଧୀ ଷ୍ଟାଡିୟମଠାରେ ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଖୋକୋ ଚାମ୍ପିୟନସିପ୍ ସିଏମ୍ ଟ୍ରଫି ପ୍ରତିଯୋଗିତା ଆରମ୍ଭ ହୋଇଛି । ଯୁବ ଓ କ୍ରୀଡ଼ା ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଫୁଟବଲ, ଖୋଖୋ, ଭଲିବଲ ଏବଂ କବାଡି ୪ଟି ବର୍ଗରେ କ୍ରୀଡ଼ା ଅନୁଷ୍ଠିତ ହେଉଛି । ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ଲକ୍ଷ୍ୟ ନେଇ ଏଭଳି ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି ।

# ପାଣିପାଗ

ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଦେଇଥିବା ସୂଚନା ଅନୁଯାୟୀ ଆସନ୍ତା ୫ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲଲା ଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସକୁ ଅତିକ୍ରମ କରିବ । ତେବେ ଉପକୂଳ ବାୟୁ ମଣ୍ଡଳରେ ଆଦ୍ରତା ପରିମାଣ ଅଧିକ ରହିଥିବାରୁ ଉପକୂଳ, ଦକ୍ଷିଣ ଏବଂ ଉତ୍ତର ଓଡ଼ିଶାର କେତେକ ଅଞ୍ଚଳରେ ତାପମାତ୍ରା ୪୦ଡିଗ୍ରୀରୁ କମ୍ ରହିଲେ ମଧ ଗରମ ଏବଂ ଗୁଳଗୁଳି ଅଧିକ ଅନୁଭୂତ ହେବ ।